


# କୃଷିଶ୍ରୀ

## କୃଷି, କୃଷକ ଓ କୌଶଳର କାହାଣୀ

### କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର, ନିମକଣା

ନବମ ବର୍ଷ | ତୃତୀୟ ସଂଖ୍ୟା | ମାର୍ଚ୍ଚ ୨୦୧୮ (ତ୍ରୈମାସିକ)



ଆମ କୃଷି ବିଜ୍ଞାନ କେନ୍ଦ୍ର



ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ



ବିଶ୍ୱ ପାଣିପାଗ ଦିବସ



କୃଷି ଉନ୍ନତି ମେଳା




ନୂତନ କୃଷକ କ୍ଲବ ଗଠନ



କୃଷକ-ବୈଜ୍ଞାନିକ ଆଲୋଚନା ଚକ୍ର

## ବାର୍ତ୍ତା



### ସମ୍ପ୍ରସାରଣ ଅଧ୍ୟକ୍ଷଙ୍କ କଲମରୁ ...

ବର୍ତ୍ତମାନ ଭାରତର ଶତକଡା ୫୨ ଭାଗ ଲୋକ କୃଷି ଉପରେ ନିର୍ଭରଶୀଳ । ମାନବର ବିକାଶ ପାଇଁ କୃଷି ଓ ଶିଳ୍ପ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱପରି ପରିପୂରକ । କୃଷିଭିତ୍ତିକ ଶିଳ୍ପ ହିଁ ଦେଶର ଆର୍ଥନୀତିରେ ଅଭିବୃଦ୍ଧି ଆଣିବା ସାଙ୍ଗକୁ କର୍ମନିଯୁକ୍ତି, ମୂଲ୍ୟଯୁକ୍ତ ପଦାର୍ଥର ଉପଲବ୍‌ଧି, କୃଷକକୁ ପ୍ରାପ୍ୟ ଦେବାରେ ସହାୟକ ହୋଇ ଥାଏ । ଆଜି ଜଗତସିଂହପୁର ଜିଲ୍ଲାରେ ଶୀତଳଭଣ୍ଡାର, ଫଳ ଓ ପନିପରିବା ପ୍ରକ୍ରିୟାକରଣ ଶିଳ୍ପ ଇତ୍ୟାଦି ପ୍ରତିଷ୍ଠାହେଲେ କୃଷକ ଭାଇ ଓ ଭଉଣୀମାନେ ଅଧିକ ଲାଭବାନ ହୋଇପାରିବେ । ବର୍ଷାରୁ ଜଳ, ଜଳରୁ ଅନ୍ନ, ଅନ୍ନରୁ ପ୍ରାଣ ସର୍ବଜନ ବିଦିତ ଅଟେ । ଆଜି ପରିବର୍ତ୍ତନଶୀଳ ଜଳବାୟୁ କୃଷି ପ୍ରତି ଆହ୍ୱାନ ସୃଷ୍ଟି କରିଅଛି । ଅତଏବ କୃଷିଜୀବୀମାନଙ୍କୁ ପ୍ରତି ପଦକ୍ଷେପ ପରେ ସତର୍କତା ଅବଲମ୍ବନ କରିବାକୁ ପଡିବ । କୃଷି ବିଜ୍ଞାନ କେନ୍ଦ୍ର ଏଦିଗରେ ନିଶ୍ଚିତ ଭାବରେ ସହାୟକ ହେବ । ଏହି କେନ୍ଦ୍ରରେ ଥିବା ବୈଜ୍ଞାନିକମାନେ କ୍ଷେତ୍ର ପରୀକ୍ଷଣ, ଆଗୁଆଧାଡି ପ୍ରଦର୍ଶନ ଓ ତାଲିମ ଇତ୍ୟାଦି ମାଧ୍ୟମରେ କୃଷକ ଭାଇ ଭଉଣୀ, ବେକାର ଯୁବକ ଯୁବତୀ ଏବଂ କୃଷି ଓ ଆନୁସଙ୍ଗିକ ବିଭାଗ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇତ୍ୟାଦିର ନୂତନ ଜ୍ଞାନ କୌଶଳର ଆବଶ୍ୟକତା ପୂରଣ କରିବାପାଇଁ ଚେଷ୍ଟା ଜାରିରଖିଛନ୍ତି । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପ୍ରକାଶ ପାଇଥିବା ଏହି ତ୍ରୈମାସିକ ସମାଚାରପତ୍ର "କୃଷିଶ୍ରୀ" ର ପ୍ରକାଶନରେ ମୁଁ ଆନନ୍ଦିତ ହେବା ସାଙ୍ଗକୁ ପତ୍ରିକାର ସନ୍ଦେଶ କୃଷକମାନଙ୍କର ଜ୍ଞାନକୁ ଅଭିବୃଦ୍ଧି କରିବାରେ ସହାୟକ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

(ପ୍ରଫେସର ପ୍ରଭାତ କୁମାର ରାଉଳ)
ଅଧ୍ୟକ୍ଷ, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ



### ସମ୍ପାଦିକାଙ୍କ ଲେଖନୀରୁ .........

ଆମ କୃଷି ବିଜ୍ଞାନ କେନ୍ଦ୍ର ପ୍ରଚେଷ୍ଟାରେ ସମାଚାରପତ୍ର "କୃଷିଶ୍ରୀ" ବିଗତ ୯ ବର୍ଷଧରି ପ୍ରକାଶ ପାଇ ଆସୁଅଛି । ଏହି ସମାଚାରପତ୍ର ବଣ୍ଟନ ଅବସରରେ ଆମକୁ ବହୁ ମୂଲ୍ୟବାନ ମତାମତ ଓ ପ୍ରତିକ୍ରିୟା ମିଳିଛି । ଏହାର ପ୍ରକାଶନ ଅବସରରେ ମୁଁ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ତଥା ଆମକୁ ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ କ୍ଷେତ୍ରରେ ନିରନ୍ତର ସହଯୋଗ କରୁଥିବା ଚାଷୀ ଭାଇ ଓ ଭଉଣୀମାନଙ୍କୁ କୃତଜ୍ଞତା ଜଣାଉଅଛି । ଏତଦ୍‌ବ୍ୟତୀତ ଚାଷୀଭାଇ ଓ ଭଉଣୀମାନଙ୍କୁ ମୋର ଅନୁରୋଧ ଯେ, ଆପଣମାନେ ବିଭିନ୍ନ ବୈଜ୍ଞାନିକ ପଦ୍ଧତିକୁ ଜମିରେ ପ୍ରୟୋଗ କରିବା ପାଇଁ କେନ୍ଦ୍ରର ବୈଜ୍ଞାନିକ ମାନଙ୍କ ସହିତ ସଦାସର୍ବଦା ଯୋଗାଯୋଗ ରକ୍ଷାକରନ୍ତୁ । ଚାଷ କାର୍ଯ୍ୟରେ ରୁଚି ରଖୁଥିବା ଭାଇ ଭଉଣୀମାନଙ୍କ ପାଇଁ ଏହି ସମାଚାରପତ୍ର ଦିଗ୍‌ଦର୍ଶନ ଦେବ ବୋଲି ମୋର ଆଶା । ଆପଣଙ୍କ ମତାମତ ଏହି ସମାଚାରପତ୍ରକୁ ଅଧିକ ବୁଦ୍ଧିମନ୍ତ କରାଇବାରେ ବିଶେଷ ସହାୟକ ହେବ, ତେଣୁ ଆମକୁ ଇ-ମେଲ, ପତ୍ର କିମ୍ବା ଫୋନ ମାଧ୍ୟମରେ ଯୋଗାଯୋଗ କରିବାକୁ ଜମା ଭୁଲିବେ ନାହିଁ ।

(ଦିପସିକା ପରମଜୀତା)
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ